ସମାଜ



## ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବ

# ଅନ୍ତର୍ଜାତୀୟସ୍ତରରେ ଖ୍ୟାତିପ୍ରାପ୍ତ ଅଧ୍ୟାପକ କରିବେ ଶିକ୍ଷାଦାନ

ଭୁବନେଶ୍ୱର(ସ.ବ୍ୟୁ) : ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍‌ନୋଲୋଜି(ଆଇଆଇଟି) ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ଉତ୍ସବ ଆଜି ତାହାର ଅରୁଗୁଳସ୍ଥିତ କ୍ୟାମ୍ପସ୍ ପରିସରରେ ଆୟୋଜିତ ହେବାକୁ ଯାଉଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନ୍ୟାସ୍‌ନାଲ୍ ବୋର୍ଡ ଅଫ୍ ଆକ୍ରିଡିଏସନ୍‌ର ଅଧ୍ୟକ୍ଷ ଏବଂ ଆଇଆଇଟି ଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର୍ ସୁରେନ୍ଦ୍ର ପ୍ରସାଦ ଯୋଗଦେବେ । ଏଥିସହିତ ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ୍‌ର ଅଧ୍ୟକ୍ଷ ପଙ୍କଜ୍ ରମନ୍‌ଭାଇ ପଟେଲ୍ ମଧ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ । ଚଳିତ ବର୍ଷର ସମାବର୍ତ୍ତନ ଉତ୍ସବରେ ୭ ଜଣ ଡକ୍ଟରେଟ୍, ୫୫ଜଣ ଏମ୍‌ଟେକ୍, ୬୯ଜଣ ଏମ୍‌ଏସ୍‌ସି ଏବଂ ୧୧୦ଜଣ ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀରେ ସମ୍ମାନିତ କରାଯିବ । ଏନେଇ ସୋମବାର ଆଇଆଇଟି ଭୁବନେଶ୍ୱର ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରାଯାଇଥିଲା । ସମ୍ମିଳନୀରେ ଯୋଗଦେଇ ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର କହିଥିଲେ ଯେ, ଜୁଲାଇ ୨୦୧୪ରେ ଅରୁଗୁଳସ୍ଥିତ କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରାଯାଇଥିଲା । ଗତ ଜୁଲାଇ ୧୮ ତାରିଖରୁ ଏହି ନୂତନ କ୍ୟାମ୍ପସ୍ ନିଜ କ୍ଷମତାର ୮୦% ଗତିରେ ଚାଲୁଛି । ଭିତ୍ତିଭୂମି ସହିତ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯିବା ସହିତ କ୍ୟାମ୍ପସ୍‌କୁ ଉନ୍ନତମାନର କରିବାକୁ ଚେଷ୍ଟା ଚାଲିଛି ବୋଲି ଶ୍ରୀ ରାଜାକୁମାର କହିଥିଲେ । ପାଠପଢ଼ା ଏବଂ ଗବେଷଣା ନିମନ୍ତେ ଆବଶ୍ୟକୀୟ ଅଧ୍ୟାପକ, କର୍ମଚାରୀ ଏବଂ ଲ୍ୟାବୋରେଟୋରୀ

**ପ୍ରିୟମ୍‌ଙ୍କୁ ଦିଆଯିବ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ**

ଉପକରଣଗୁଡ଼ିକୁ ବ୍ୟବସ୍ଥିତ କରିବାର ସମସ୍ତ ଉଦ୍ୟମ ଚାଲିଛି । ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବାପାଇଁ ଅର୍ନ୍ତଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଅଧ୍ୟାପକମାନଙ୍କୁ କ୍ୟାମ୍ପସ୍‌ରେ ଶିକ୍ଷାଦାନ କରିବା ସକାଶେ ନିମନ୍ତ୍ରଣ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏପରି ଶିକ୍ଷକଙ୍କ ସଂଖ୍ୟା କମ୍ ଥିଲେ ବି ଚଳିତ ବର୍ଷଠାରୁ ଅଧିକ ଶିକ୍ଷକ କ୍ୟାମ୍ପସ୍‌କୁ ଆସିବେ ବୋଲି ଶ୍ରୀ ରାଜାକୁମାର ଆଶା କରିଥିଲେ । ସମଗ୍ର ଦେଶରେ ବିଟେକ୍ ଇଲେକ୍ଟ୍ରିକାଲ୍ ସାଇନ୍ସ୍‌ରେ ଉତ୍କୃଷ୍ଟ ରେଜଲ୍ଟ୍ ପାଇଁ ଆଇଆଇଟି ଭୁବନେଶ୍ୱରର ଛାତ୍ର ପ୍ରିୟମ୍ ଦେ'ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ଯାହା ଏହି କ୍ୟାମ୍ପସ୍‌ପାଇଁ ଏକ ଗର୍ବର ବିଷୟ ବୋଲି ସେ କହିଥିଲେ । ଗତ ବର୍ଷ ତୁଳନାରେ ଏଥର ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ ଆଇଆଇଟି ଭୁବନେଶ୍ୱର ଭଲ ପ୍ରଦର୍ଶନ କରିଛି । ୮୦% ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିସାରିଛି । ଏମାନଙ୍କ ମଧ୍ୟରେ ସବୁଠାରୁ ଭଲ ପ୍ୟାକେଜ୍ ହେଉଛି ବାର୍ଷିକ ୬୦ ଲକ୍ଷ ଟଙ୍କା । ଗୋପାଳପୁର ଠାରେ ନିର୍ମାଣ ହେବାକୁ ଯାଉଥିବା 'କୋଷ୍ଟାଲ୍ ଅବ୍‌ଜରଭେଟୋରୀ'ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହାକୁ ଅନ୍ତର୍ଜାତୀୟସ୍ତର ଉପକରଣରେ ଲୈସ୍ କରାଯାଇ ଆଇଆଇଟି ଭୁବନେଶ୍ୱରର ଦକ୍ଷ ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳନା କରାଯିବ । ଏଥିପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ଏକ କର୍ମଶାଳାର ଆୟୋଜନ କରାଯିବ ବୋଲି ନିର୍ଦ୍ଦେଶକ ଶ୍ରୀ ରାଜାକୁମାର ପ୍ରକାଶ କରିଥିଲେ ।